## ସଂକ୍ଷେପରେ

### ଡାବୁଗାଁର ବିଭିନ୍ନ ଅଞ୍ଚଳ ଶଟ୍‌ଡାଉନ

ଡାବୁଗାଁ, ୨୮।୯(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଡଙ୍ଗରିଗୁଡା ଓ ବଡଓଲମା ପଞ୍ଚାୟତରେ ରବିବାର ଓ ସୋମବାର ୨ ଦିନ ମଧ୍ୟରେ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରବିବାର ଡଙ୍ଗରିଗୁଡା ପଞ୍ଚାୟତ ସଦର ଗାଁରୁ ୧ଜଣ ଓ ସୋମବାର ବଡଓଲମା ପଞ୍ଚାୟତ ଶିଙ୍ଗିଗୁଡା ଗ୍ରାମରୁ ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ଡଙ୍ଗରିଗୁଡା ଗ୍ରାମ ଜୟନ୍ତୀନଗର ସାହିର ବଲ୍ଲଭ ପଣ୍ଡାଙ୍କ ଘରଠାରୁ ଅମୂଲ୍ୟ ଦଳାଇ ଘର ପର୍ଯ୍ୟନ୍ତ, ଶିଙ୍ଗିଗୁଡା ଗ୍ରାମର ସଂପୂର୍ଣ୍ଣ ଉପର ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଜିଲା ପ୍ରଶାସନ ଘୋଷଣା କରିଛି। ଉକ୍ତ କଣ୍ଟେନ୍‌ମେଣ୍ଟ ଜୋନ ଆସନ୍ତା ଅକ୍ଟୋବର ୮ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ମିଳିଛି। ଏଥିସହ ସମ୍ପୂର୍ଣ୍ଣ କଣ୍ଟେନମେଣ୍ଟ ଜୋନକୁ ମଧ୍ୟ ବଫର ଜୋନ ଭାବେ ଘୋଷଣା କରାଯାଇଛି। ପ୍ରଶାସନ ଏହି ଗ୍ରାମଗୁଡିକୁ ସିଲ୍ କରିଛି।

### ଗଜପତିରେ ୩୧ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୨୮।୯(ସ୍ୱ.ପ୍ର.) - ଗଜପତିରେ ସୋମବାର ୩୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୫୧୩ରେ ପହଞ୍ଚିଛି। ଗୁମ୍ମା ବ୍ଲକରୁ ସର୍ବାଧିକ ୧୨ଜଣ, ନୂଆଗଡ ବ୍ଲକରୁ ୮, ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୫, ଗୋଷାଣୀ ବ୍ଲକରୁ ୩, ମୋହନା,କାଶୀନଗର ଓ ଆର୍.ଉଦୟଗିରି ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ସେହିପରି ଜିଲାରେ ମୋଟ କରୋନା ସୁସ୍ଥ ସଂଖ୍ୟା ୩୨୮୦ ରହିଛି। ବର୍ତ୍ତମାନ ସୁଦ୍ଧା ୪୪୯୦୮ ଜଣଙ୍କର ସ୍ୱାବ ପରୀକ୍ଷା ହୋଇଛି। ଏଥି ମଧ୍ୟରୁ ୪୪୧୪୯ ଜଣଙ୍କ ରିପୋର୍ଟ ଆସିଥିବା ଜିଲା ପ୍ରଶାସନ ସୂତ୍ରରୁ ପ୍ରକାଶ।

### ୧୨ ଫୁଟର ଅଜଗର ଉଦ୍ଧାର

ବୁଗୁଡ଼ା,୨୮।୯(ଡି.ଏନ.ଏ.)- ବୁଗୁଡ଼ା ଥାନା ବାଲିପଦର ଗ୍ରାମର ନକୁଳ କଲୋନୀରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଅଗଣାରୁ ସୋମବାର ଏକ ୧୨ ଫୁଟିଆ ଅଜଗର ଉଦ୍ଧାର କରାଯାଇଛି। ବ୍ୟକ୍ତି ଜଣକଙ୍କ ଅଗଣାରେ ପରିବାର ଲୋକେ ପ୍ରଥମେ ଏହି ବିରାଟ ସାପ ଦେଖି ଡରିଯାଇଥିଲେ। ଏନେଇ ସେମାନେ ବନ ବିଭାଗ ଓ ସ୍ନେକ୍ ହେଲପ୍ ଲାଇନକୁ ଖବର ଦେଇଥିଲେ। ବନରକ୍ଷୀ କ୍ଷୀରୋଦ ଗୌଡ଼, ଶ୍ରୀନିବାସ, ପ୍ରସନ୍ନଙ୍କ ସମେତ ସ୍ନେକ୍ ହେଲପ୍ ଲାଇନର ସଦସ୍ୟ ହରିଶ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।

### ୧୦୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି

କାଶୀନଗର,୨୮।୯(ଡି.ଏନ୍.ଏ.)- କାଶୀନଗର ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପଦୋନ୍ନତିପତ୍ର ପ୍ରଦାନ କରାଯାଇଛି। ବ୍ଲକର ୧୦୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଲେବଲ-ଭିଏ ରୁ ଲେବଲ-ଭିବିକୁ ପଦୋନ୍ନତି ପାଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ବିଇଓ ଡ. ବୃଷକେତୁ ଦାସ ପଦୋନ୍ନତ ପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି. କିଶୋର କୁମାର, ସିଆର୍‌ସିସି ଗୋପାଳ ରାଓ, ବସନ୍ତ କୁମାର ମିଶ୍ର, ରାମାକାନ୍ତ ହୋତା, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ନାମଲେଖା ବେଳେ ଅଧିକ ଅର୍ଥ ଆଦାୟକୁ ବିରୋଧ

ମାଲକାନଗିରି,୨୮।୯(ଡି.ଏନ୍.ଏ.)

ନାମଲେଖା ବେଳେ ଅର୍ଥ ଆଦାୟକୁ କେନ୍ଦ୍ର କରି ସୋମବାର ମାଲକାନଗିରି ଜିଲା ଅଭିଭାବକ ସଂଘ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଛି। ସଂଘ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନାମଲେଖା ବେଳେ ଅଭିଭାବକଙ୍କଠାରୁ ଫି' ବାବଦରେ ଅତ୍ୟଧିକ ଅର୍ଥ ଆଦାୟ କରୁଥିବା ଅଭିଯୋଗ କରାଯାଇଛି। କରୋନା ମହାମାରୀ ପାଇଁ ବିଦ୍ୟାଳୟଗୁଡିକ ବନ୍ଦରହିଛି। ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣରେ ବାଧା ଉପୁଜିଛି। ସରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇ ନାହାନ୍ତି। କେବଳ ବିଦ୍ୟାଳୟ ଓ



ଅଭିଭାବକମାନେ ପ୍ରତିବାଦ ଜଣାଉଛନ୍ତି।

ମହାବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ଅନୁମତି ଦେଇଛନ୍ତି। ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନାମଲେଖା ସମୟରେ ଅଭିଭାବକଙ୍କଠାରୁ ଅତ୍ୟଧିକ ଅର୍ଥ ଆଦାୟ କରୁଥିବା ସଂଘ ଅଭିଯୋଗ କରିଛି। ବିଦ୍ୟାଳୟରେ ଶିକ୍ଷା ଗ୍ରହଣ ଆରମ୍ଭ ହେବା ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଫି' ଛାଡ କରିବା, ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବା,ଶିକ୍ଷକଙ୍କୁ ଜନଗଣନା, ଦୈବୀ ଦୁର୍ବିପାକ ଓ ନିର୍ବାଚନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ନ କରିବା, ସିଆର୍‌ସିସି ବ୍ୟବସ୍ଥା ଉଚ୍ଛେଦ କରିବା, ଉନ୍ନୟନ ନାମରେ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଆଦାୟ ହେଉଥିବା ଫି ବନ୍ଦ କରିବା ନେଇ ସଂଘ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ଅଭିଭାବକ ଏରା ପଡିଆମି, ନନ୍ଦକୁମାର ଆଜମେରା, ଶ୍ରୀନିବାସ ପାତ୍ର, ସତ୍ୟନାରାୟଣ ଦାସ, ଛବି ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨ଜଣଙ୍କ ମୃତ୍ୟୁ ପରେ ଚିନ୍ତାରେ ଗ୍ରାମବାସୀ

ଏମଭି ୭୯,୨୮।୯(ଡି.ଏନ.ଏ.)

**ଅଜଣା ରୋଗ ନେଉଛି ଜୀବନ**

ମାଲକାନାଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ପୁରୁଣା ନିଲିଗୁଡା ଗ୍ରାମରେ ସୋମବାର ୨ଜଣଙ୍କ ମୃତ୍ୟୁ ହୋଇଛି। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିଲେ ମଧ୍ୟ ପ୍ରଥମେ ଲୋକଙ୍କ ହାତଗୋଡ ଫୁଲିଯାଉଛି। ପରେ ଯନ୍ତ୍ରଣାରେ ଛଟପଟ ହୋଇ ଲୋକଙ୍କ ମୃତ୍ୟୁ ହେଉଛି। ଗତ କିଛି ଦିନ ମଧ୍ୟରେ ଗ୍ରାମରେ ଏପରି ୫ଜଣଙ୍କ ମୃତ୍ୟୁ ଘଟିଲାଣି। ଏ ସମ୍ପର୍କରେ ଖବର ପାଇ ମାଲକାନାଗିରି ଜିଲା ଉନ୍ନୟନ ପରିଷଦର ଅଧ୍ୟକ୍ଷ ମାନସ ମାଡକାମି ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେଇଛନ୍ତି। ଗ୍ରାମର ଏଭଳି ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ଗତ କିଛି ଦିନ ମଧ୍ୟରେ ନିଲିଗୁଡା ପଞ୍ଚାୟତ ଅନ୍ତର୍ଗତ ପୁରୁଣା ନିଲିଗୁଡା ଗ୍ରାମର ଈର୍ମା ପଡିଆମି, ଆଡମେ ମାଡ଼ି, ମୁକେ ମାଡ଼ିଙ୍କ ମୃତ୍ୟୁ ହୋଇଥିଲା। ସୋମବାର ନନ୍ଦ କିଶୋର ମାଡ଼ି ଓ ଶିଙ୍ଗା ମାଡିଙ୍କ ମୃତ୍ୟୁ ହେବା ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଘଟଣା ସ୍ଥଳକୁ ଯାଉଥିବା ଜଣାପଡିଛି।

# ମଧ୍ୟବିତ୍ତ ପରିବାର ଉପରେ ମହଙ୍ଗା ମାଡ଼


ସଂଘ ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ମାଲକାନଗିରି,୨୮।୯(ଡି.ଏନ୍.ଏ.)

ଗତ ମାର୍ଚ୍ଚରୁ କରୋନା ସଂକ୍ରମଣ ଭୟରେ ରାଜ୍ୟ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଘୋଷଣାକରି ଚାଲିଛନ୍ତି। ଫଳରେ ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାର କୌଣସି କାମଧନ୍ଦା ନ ପାଇ ନିଜ ରୋଜଗାର ହରାଇଛନ୍ତି। ସରକାର କେବଳ ବିପିଏଲ୍ ତାଲିକାଭୁକ୍ତ ଲୋକଙ୍କୁ ଚାଉଳ, ଡାଲି ଦେଇ କର୍ତ୍ତବ୍ୟ ସାରିଛନ୍ତି। ସେମାନେ ନିଜ ଦୈନନ୍ଦିନ ଖର୍ଚ୍ଚ ତୁଲାଇବାରେ ସମସ୍ୟାରେ ପଡିଛନ୍ତି। ମାଲକାନଗିରି ଜିଲାରେ ଶଟ୍‌ଡାଉନ ଓ ଲକ୍‌ଡାଉନ ଉଚ୍ଛେଦ ପରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ହୋଇଛି। ଫଳରେ ଉଭୟ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଲୋକେ ପ୍ରଭାବିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ସଂଘ ଦାବି କରିଛି। ଏନେଇ ସୋମବାର ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପ୍ରଦାନ କରିଛି। ଏହି ସମୟରେ ସମ୍ପାଦକ ବାଲାରାଜୁ ଆଚାରୀ, ଏମ୍. ମୋହନ ରାଓ, ଅଜିତ କୁମାର ସଗରିଆ, ନାଗେଶ୍ୱର ନାଥୁର, ବାସୁଦେବ ମଲ୍ଲିକ, ରବୀନ୍ଦ୍ର ଦୋରା, ସରୋଜ ବାବୁ, ଦୀପକ ଶାହାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପିଇଓଙ୍କ ବିରୋଧରେ ଅଭିଯୋଗ

ଗୁଣପୁର,୨୮।୯(ଡି.ଏନ୍.ଏ.)

ଲୋକଙ୍କ ସମସ୍ୟାକୁ ଅଣଦେଖା ଏବଂ ଲୋକପ୍ରତିନିଧିଙ୍କ ପ୍ରତି ଦୁର୍ବ୍ୟବହାର ନେଇ ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଚାଲକମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏ ନେଇ ସୋମବାର ସରପଞ୍ଚ ଏବଂ ପଞ୍ଚାୟତବାସୀ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ସହକାରୀ ଜିଲାପାଳ ରୀନା ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ପିଇଓଙ୍କ ମନ ମୁତାବକ କାର୍ଯ୍ୟ, ଲୋକଙ୍କ ସମସ୍ୟାକୁ ଅଣଦେଖା, ଲୋକ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ତେବେ ଏ ନେଇ ନିର୍ବାହୀ ଅଧିକାରୀ ଉମା ପଟ୍ଟନାୟକ କହିଛନ୍ତି, ଅଭିଯୋଗ ଭିତ୍ତିହୀନ ଏବଂ ଅମୂଳକ। ନିୟମ ମଧ୍ୟରେ ସମସ୍ତ କାର୍ଯ୍ୟ କରାଯାଉଛି। ଅଭିଯୋଗ ଉପରେ ସମସ୍ତ ତଦନ୍ତ ପାଇଁ ସେ ପ୍ରସ୍ତୁତ ଥିବା କହିଛନ୍ତି।

# ଡାକ୍ତରଖାନାରେ ମହିଳାଙ୍କ ମୃତ୍ୟୁ

ବୋରିଗୁମ୍ମା, ୨୮।୯(ଡି.ଏନ୍.ଏ.)

- **ହତ୍ୟା ଅଭିଯୋଗ ଆଣିଲେ ବାପଘର**
- **ସ୍ୱାମୀ, ଶାଶୁ, ଶ୍ୱଶୁର ଅଟକ**

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧୀନ ବଙ୍ଗଲାଗୁଡ଼ା ଗ୍ରାମର ରହିମ ଖରାଙ୍କ ସ୍ତ୍ରୀ ପି.ସ୍ୱାତୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ବୋରିଗୁମ୍ମା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ତାଙ୍କ ବାପଘର ଲୋକ ଡାକ୍ତରଖାନାରେ ପାଟିତୁଣ୍ଡ କରିବା ସହ ସ୍ୱାତୀଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ବୋରିଗୁମ୍ମା ଥାନାରେ ଏତଲା ଦେଇଛନ୍ତି। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ପି.ସ୍ୱାତୀ ଘର ଲୋକଙ୍କ ଅନୁମତିରେ ରହିମଙ୍କୁ ୨ବର୍ଷ ତଳେ ବିବାହ କରିଥିଲେ। ଏହାପରେ ତାଙ୍କ ଶାଶୁଘରେ ସବୁବେଳେ କଳହ ଲାଗୁଥିଲା। ରହିମ ଓ ସ୍ୱାତୀଙ୍କର ବର୍ଷକର ପୁଅଟିଏ ମଧ୍ୟ ଅଛି। ଗତ ୮ଦିନ ହେବ ସେମାନଙ୍କ ଘରେ କଳି ଝଗଡା ଚାଲୁଥିଲା। ଏହା ମଧ୍ୟରେ ରବିବାର ରାତିରେ ବେକରେ ରଶି ଲଗାଇ ସ୍ୱାତୀ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ଶାଶୁଘର ଲୋକେ କହିଛନ୍ତି। ସେମାନେ ତାଙ୍କୁ ଉଦ୍ଧାରକରି ବୋରିଗୁମ୍ମା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ସ୍ୱାତୀଙ୍କ ମୃତ୍ୟୁ ହୋଇଥିଲା। ଶାଶୁଘର ଲୋକେ ଝିଅର ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ସ୍ୱାତୀଙ୍କ ବାପଘର ଲୋକେ ବୋରିଗୁମ୍ମା ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାତୀଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଦେଢ଼ଶୁର ତାଙ୍କୁ ହତ୍ୟା କରିଥିବା ନେଇ ସେମାନେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ମହିଳାଙ୍କ ମୃତଦେହ ଜବତ କରିଛି। ସାଇଣ୍ଟିଫିକ ଟିମ୍‌କୁ ଡାକିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ଡିପିଓ ହରେକୃଷ୍ଣ ମାଝି କହିଛନ୍ତି। ପୋଲିସ ୧୩୫/୨୦ରେ ମାମଲା ରୁଜୁ କରିଛି। ପୋଲିସ ହତ୍ୟା ମାମଲା ରୁଜୁ କରି ସ୍ୱାତୀଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ କରୁଛି। ସ୍ୱାତୀଙ୍କ ଦେଢ଼ଶୁର ଏବେ ଫେରାର ଅଛନ୍ତି।

# ୮ ଦୋକାନରେ ଚଢ଼ାଉ, ଗୋଟିଏ ସିଲ୍

ନବରଙ୍ଗପୁର,୨୮।୯(ବି.ପ୍ର.)

ନବରଙ୍ଗପୁର ସହରର ବିଭିନ୍ନ ଦୋକାନ ଉପରେ ଜିଲା ପ୍ରଶାସନ ଓ ପୋଲିସ ସୋମବାର ଚଡାଉ କରିଛି। କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ଦୋକାନରୁ ଜରିମାନା ମଧ୍ୟ ଆଦାୟ କରାଯାଇଛି।

କରୋନାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ନିୟମକୁ କିନ୍ତୁ ନବରଙ୍ଗପୁର ସହରର ବିଭିନ୍ନ ଦୋକାନୀ ମାନୁ ନ ଥିବା ଅଭିଯୋଗ ହୋଇଥିଲା। ଏହାପରେ ଜିଲା ପ୍ରଶାସନ ଓ ପୋଲିସର ଏକ ଟିମ୍ ସହରର ୮ଟି ଦୋକାନ ଉପରେ ଚଡାଉ କରି ୨୦ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛି। ସହରର ଭାସବି ମିଠା ଦୋକାନକୁ ସିଲ୍ କରାଯାଇଛି। ପୋଲିସ ଓ ପ୍ରଶାସନର ତାଗିଦ ପରେ ମଧ୍ୟ ଏହି ଦୋକାନୀମାନେ କୋଭିଡ୍ ନିୟମ ମାନୁ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି।



ମିଠା ଦୋକାନକୁ ସିଲ୍ କରାଯାଉଛି।

- **କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗ**
- **୨୦ହଜାର ୫ଶହ ଟଙ୍କା ଜରିମନା**

ଚଡାଉ ସମୟରେ ଉପଜିଲାପାଳ ଭାସ୍କର ରଇତୋ, ତହସିଲଦାର ରବିନ୍ଦ୍ର ରାଉତ, ଏସଡିପିଓ ଆଦିତ୍ୟ ସେନ, ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଏସ୍‌ଆଇ ରାକେଶ ବେହେରା, ଏଏସ୍‌ଆଇ ଅଶୋକ କୁମାର ଦେଓ, ଅନୀଲ ପୃଷ୍ଟି ସାମିଲ ଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍

ରାୟଗଡ଼ା ଅଫିସ,୨୮।୯

ସେପ୍ଟେମ୍ବର ୨ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍' କାର୍ଯ୍ୟକ୍ରମ ଚାଲିଛି। ଏହି ଅବସରରେ ସିଆରପିଏଫ୍ ୪ର୍ଥ ବାଟାଲଅନ୍ ପକ୍ଷରୁ ମଧ୍ୟ ସୋମବାର ଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୪ର୍ଥ ବାଟାଲଅନ୍‌ର କମାଣ୍ଡାଣ୍ଟ ୱାଇ. କେ. ରାଜପୁତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ଏସ୍. କେ. ଠାକୁର, ସେକେଣ୍ଡ ଇନ କମାଣ୍ଡାଣ୍ଟ ମିଟୁ ରୟ, ଡେପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର ଏବଂ ଯବାନମାନେ ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ପୁରୁଣା ଆର୍. ଆଇ ଅଫିସରୁ ବାରିଖୋଲା ପର୍ଯ୍ୟନ୍ତ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଟାଲିଅନ୍ କମାଣ୍ଡାଣ୍ଟ ରାଜପୁତ ଫ୍ରିଡମ୍ ରନ୍ ବିଷୟରେ ଆଲୋଚନା କରିବା ସହ ଜୀବନରେ ବ୍ୟାୟାମର ଗୁରୁତ୍ୱ ବିଷୟରେ କହିଥିଲେ।

# ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ତାର

ବିଷମକଟକ, ୨୮।୯

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଚାଟିକଣା ପଞ୍ଚାୟତର ନିୟମଗିରି ପାଦଦେଶରେ ପ୍ରସିଦ୍ଧ ପାତାଳେଶ୍ୱର ମହାଦେବ ମନ୍ଦିର ଅବସ୍ଥିତ। ଏହି ପୀଠ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି। ମନ୍ଦିର ନିକଟରେ ରହିଥିବା ଜଳ ପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଏବଂ ଠାକୁରଙ୍କ ଦର୍ଶନ କରିବା ପାଇଁ ଜିଲା ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ହେଲେ ମନ୍ଦିର ଛାତରେ ବର୍ଷ ବର୍ଷ ଧରି ଏକ ବିଦ୍ୟୁତ ତାର ବିପଜ୍ଜନକ ଅବସ୍ଥାରେ ଝୁଲି ରହିଥିବା ଦେଖିବାକୁ ମିଳୁଛି। ବାଉଁଶ ସାହାଯ୍ୟରେ ତାରଟିକୁ ସଂଯୋଗ କରାଯାଇଥିବାବେଳେ କୌଣସି କାରଣରୁ ଏହା ଛିଣ୍ଡିବା ଦ୍ୱାରା ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ କେହି ଜଣେ ଏହାର



ଫଟୋ ଉଠାଇ ସୋସିଆଲ୍ ମିଡିଆରେ ମଧ୍ୟ ଶେୟାର କରିଥିବା ନଜରକୁ ଆସିଛି। ଏ ନେଇ ମନ୍ଦିର କମିଟି ସହ ଯୋଗାଯୋଗ କରାଯାଇଥିଲା। ଏ ନେଇ ବିଦ୍ୟୁତ୍ ବିଭାଗକୁ ବହୁବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା କମିଟିର ସଦସ୍ୟ ବଡ଼ ଗୌଡ଼ କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବେଉରା କହିଛନ୍ତି,ଆମ ନିକଟରେ ଖବର ନାହିଁ। ମୁଁ ନିଜେ ସେଠାକୁ ଯାଇ ଦେଖିବା ପରେ ଏହାର ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଚାଷୀ ଦେଲେ ଦାବିପତ୍ର

ଜୟପୁର,୨୮।୯(ଡି.ଏନ.ଏ./ନି.ପ୍ର)

କୋରାପୁଟ ଜିଲା ଚାଷୀଙ୍କୁ ନେଇ ଗଠିତ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ କେନ୍ଦ୍ର ସରକାରଙ୍କ କୃଷି ବିଲ୍‌କୁ ବିରୋଧ କରାଯାଇଛି। ସୋମବାର ଉପଜିଲାପାଳ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପୀନାଥ ସାରକାଙ୍କୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଚାଷୀଙ୍କୁ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରି ସରକାର ଚାଷୀମାରଣ ନୀତି ଆପଣାଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ନେଇ ପ୍ରାଥମିକତା ଦେବା, ସ୍ୱାମୀନାଥ କମିଟି ସୁପାରିସ ଲାଗୁ କରିବା, କୃଷିକୁ ଶିଳ୍ପର ମାନ୍ୟତା, ଚାଷୀଙ୍କ ଆତ୍ମହତ୍ୟା ବନ୍ଦ କରିବା, ଚାଷୀଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା, ଫସଲ ବୀମା କ୍ଷତିପୂରଣ ପ୍ରଦାନ କରିବା, ଚାଷୀ ଯେପରି ସେମାନଙ୍କ ଉତ୍ପାଦିତ ଫସଲର ସର୍ବନିମ୍ନ ମୂଲ୍ୟ ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ, ମନୋଜ ପାତ୍ର, ଜୟନ୍ତ ପଟ୍ଟନାୟକ, ଗଙ୍ଗା ପାଣିଗ୍ରାହୀ, ରଙ୍ଗନାଥ ହୋତା, ବୁଜି ରାଓ, ରବୀନ୍ଦ୍ର ଚୌଧୁରୀ, ମୃତ୍ୟୁଞ୍ଜୟ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଚାଷୀମାନେ ପିଏ ଆଇଟିଡିଏ ଗୋପୀନାଥ ସାରକାଙ୍କୁ ଦାବିପତ୍ର ଦେଉଛନ୍ତି।

# ଟଙ୍କା ନେଇ ଠକିଦେଲେ ଠିକାଦାର

ଦଶମନ୍ତପୁର, ୨୮।୯( ଡି.ଏନ୍.ଏ.)

- **୩ ବର୍ଷ ହେଲାଣି ସରୁନି ଆବାସ ଗୃହ କାମ**
- **ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଆବାସ ଯୋଜନାର ଲାଭ ଲୋକେ ଠିକ୍‌ଭାବେ ପାଇ ପାରୁ ନାହାନ୍ତି। ସରକାରୀ ବାବୁଙ୍କ ସହ ଠିକାଦାରମାନେ ସଲାସୁତୁରା ହୋଇ ମିଥ୍ୟା କାଗଜପତ୍ର ଦାଖଲ କରି ବିଲ୍ ହଡପ କରିନେଉଛନ୍ତି। ଉପଯୁକ୍ତ ହିତାଧିକାରୀ ଆବାସ ଘର ନ ପାଇ କୁଡ଼ିଆରେ ଜୀବନ ବିତାଉଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ପରଜାଗଦ୍ରୀ ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ହିତାଧିକାରୀଙ୍କ ଆବାସ ଗୃହ କାମ ନ ସାରି ଠିକାଦାର ଜଣଙ୍କ ବିଲ୍ କରି ନେଇଛନ୍ତି। ଏହା ମଧ୍ୟରେ ୨ ବର୍ଷ ବିତିଗଲାଣି। ହିତାଧିକାରୀଙ୍କର ମଧ୍ୟ ମୃତ୍ୟୁ ହୋଇସାରିଲାଣି। ତାଙ୍କ ପରିବାର ଲୋକଙ୍କ ଜୀବନ କିନ୍ତୁ ଏବେ ବି ଭଙ୍ଗା କୁଡିଆରେ ବିତୁଛି।


ପ୍ରତିମାଙ୍କ ଅଧା ତିଆରି ଆବାସ ଘର।

ପ୍ରକାଶ ଯେ, ପରଜାଗଦ୍ରି ଗାଁର ପ୍ରତିମା ଦିଶାରୀଙ୍କୁ ୨୦୧୭/୧୮ ଆର୍ଥିକ ବର୍ଷରେ ଆବାସ ଗୃହ କାର୍ଯ୍ୟାଦେଶ ମିଳିଥିଲା। ସେ ନିଜ ବାରିପଟେ ହିଁ ଘର ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ଗାଁର ଜଣେ ଠିକାଦାର ଘର ନିର୍ମାଣ କାମ ଆରମ୍ଭ କରିଥିଲେ। ପ୍ରତିମା ତାଙ୍କୁ କିଛି ଅର୍ଥ ମଧ୍ୟ ଉଠାଇ ଦେଇଥିଲେ। ୨୦୧୮ରେ ପ୍ରତିମାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ବୋହୂ ଜାଇମତି ଘର ନିର୍ମାଣ ପାଇଁ ଟଙ୍କା ଉଠାଇ ଠିକାଦାରଙ୍କୁ ଦେଉଥିଲେ। ଏହା ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ଘରକାମ ସରିନାହିଁ। ଅଧାପନ୍ତରିଆ ଘର ଉପରେ ଗଛଲତା ଉଠଗଲାଣି। ପ୍ରତିମାଙ୍କ ବୋହୂ, ପୁଅ, ନାତୁଣୀ, ନାତି ସବୁ ଏବେବି ଗୋଟିଏ ଭଙ୍ଗା ଘରେ ରହୁଛନ୍ତି। ଠିକାଦାରଙ୍କ କହିବା ପ୍ରକାରେ ମା' କାଗଜପତ୍ର ସବୁ ଦାଖଲ କରି ତାଙ୍କୁ ଛାତ ପକା ଟଙ୍କା ଉଠାଇ ଆଣି ଦେଇଥିଲେ। କିନ୍ତୁ ଏହା ମଧ୍ୟରେ ୨ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଠିକାଦାର ଜଣକ ଘର ଛାତ ପକାଉ ନାହାନ୍ତି ବୋଲି ପ୍ରତିମାଙ୍କ ନାତି ମୁନା କହିଛନ୍ତି। ଏ ନେଇ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ସେପ୍ଟେମ୍ବର ୨୦୨୦



## ସଂକ୍ଷେପରେ

### କୋରାପୁଟ: ୬ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**କୋରାପୁଟ,୨୮।୯(ସ୍ୱ.ପ୍ର.):** କୋରାପୁଟ ଜିଲାରେ ସୋମବାର ଆଉ ୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୦୦୯କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରରୁ ୨ ଜଣ , ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୨୫ ଓ ୩୦ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଜୟପୁର ମ୍ୟୁନିସିପାଲିଟିରୁ ୧୭ , ସୁନାବେଡା ମ୍ୟୁନିସିପାଲିଟିରୁ ୧୧ ଓ କୋଟପାଡ ଏନ୍‌ଏସିରୁ ଜଣେ ଚିହ୍ନଟ ହୋଇଥିବା ଜଣାପଡିଛି। କୋରାପୁଟ ବ୍ଲକରୁ ୫ , କୋଟପାଡ,ସେମିଳିଗୁଡା ଓ ଦଶମନ୍ତପୁର ବ୍ଲକରୁ ଜଣେ ଲେଖାଏ, ବୈପାରିଗୁଡା ବ୍ଲକରୁ ୫, ବୋରିଗୁମ୍ମା ବ୍ଲକରୁ ୪, ଜୟପୁର ବ୍ଲକରୁ ୪, କୁନ୍ଦୁରା ବ୍ଲକରୁ ୩ ଜଣ, ଲକ୍ଷ୍ମୀପୁର ଓ ନନ୍ଦପୁର ବ୍ଲକରୁ ୨ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି।

### ମାଲକାନଗିରିରୁ ୨୧ ପଜିଟିଭ ଚିହ୍ନଟ

**ମାଲକାନଗିରି,୨୮।୯(ଡି.ଏନ୍‌.ଏ.):** ମାଲକାନଗିରି ଜିଲାରେ ସୋମବାର ୨୧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୫୧୨ରେ ପହଞ୍ଚିଛି। ଚିହ୍ନଟ ୨୧ ଜଣଙ୍କ ମଧ୍ୟରୁ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୮ ଜଣ, ବାଲିମେଳା ଏନ୍‌ଏସି, କୋରୁକୋଣ୍ଡା, ମାଥିଲି, ଚିତ୍ରକୋଣ୍ଡା ଓ ପଡିଆରୁ ଜଣେ ଲେଖାଏ, ମାଲକାନଗିରି ବ୍ଲକରୁ ୩, ଖଇରପୁଟରୁ ୨, କାଲିମେଳା ବ୍ଲକରୁ ୩ ଜଣ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ୫୧ କିଲୋ ଗଞ୍ଜେଇ ଜବତ, ୪ ଗିରଫ

**ବୈପାରୀଗୁଡା,୨୮।୯ (ଡି.ଏନ.ଏ.):** ବୈପାରୀଗୁଡା ପୋଲିସ ରବିବାର ୫୧ କିଲୋ ଗଞ୍ଜେଇ ଜବତ କରି ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୈପାରୀଗୁଡା ଥାନା ଦୋରାପୁଟ ଗ୍ରାମର ବୈଦନାଥ ତନ୍ତି, ସନ୍ତୋଷ କନସାରି,ବସନ୍ତ ବିଶୋୟୀ ଓ ସଦନ ଗାଦବା । ରବିବାର ଅପରାହ୍ନରେ ମାଝିଗଡା ଛକରୁ ଏମାନଙ୍କୁ ଗିରଫ କରାଯାଇଛି। କେସ୍ ନଂ. ୧୧୫/୨୦ରେ ମାମଲା ରୁଜୁ ହୋଇଛି। ଫଟୋ ଇମେଲ୍‌ରେ ପଠାଗଲା ।

### ୯ ଯୋଦ୍ଧାଙ୍କ ସମେତ ୧୦୧ ନୂଆ ସଂକ୍ରମିତ

**ରାୟଗଡ଼ା ଅଫିସ,୨୮।୯:** ରାୟଗଡ଼ା ଜିଲାରୁ ପୁଣି ୧୦୧ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ୬୪ ମହିଳା ଏବଂ ୩୭ ପୁରୁଷ ରହିଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଜିଲାର କାଶୀପୁର ବ୍ଲକ୍‌ରୁ ୨୭ଜଣ, ରାୟଗଡ଼ା ଗ୍ରାମାଞ୍ଚଳରୁ ୨୩, ରାୟଗଡ଼ା ସହରାଞ୍ଚଳରୁ ୨୧, କୋଲନରାରୁ ୧୦, ମୁନିଗୁଡ଼ାରୁ ୬, କଲ୍ୟାଣସିଂହପୁରରୁ ୪, ପଦ୍ମପୁରରୁ ୪, ବିଷମକଟକରୁ ୨, ଗୁଡାରିରୁ ୨, ଗୁଣପୁର ଗ୍ରାମାଞ୍ଚଳରୁ ଜଣେ ଏବଂ ଗୁଣପୁର ସହରାଞ୍ଚଳରୁ ଜଣେ ରହିଛନ୍ତି। ଏଥିରେ ୯ କରୋନା ଯୋଦ୍ଧା ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୭୩୯୧ରେ ପହଞ୍ଚିଛି। ସେଥିମଧ୍ୟରୁ ୬୮୨୮ଜଣ ସୁସ୍ଥହୋଇ ଫେରିଥିବାବେଳେ ୩୭ ଜଣଙ୍କ ମୃତ୍ୟୁ ଘଟିଛି। ଜିଲାରେ ଆଉ ୫୨୬ ସକ୍ରିୟ ସଂକ୍ରମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଜିଲା ଅନୁସୂଚିତ ଜାତି ଯୁବ ସଙ୍ଗଠନ ବୈଠକ

**ନବରଙ୍ଗପୁର,୨୮।୯(ବି.ପ୍ର.):** ନବରଙ୍ଗପୁର ଜିଲା ଅନୁସଚିତ ଜାତି ଯୁବ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ମନ୍ତ୍ରୀଗଡ଼ାଠାରେ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ କରାଯାଇଛି। ଜିଲା ଅନୁସୂଚିତ ଜାତି ସମାଜର ଗରିବ, ନିଷ୍ପେଷିତ ଅବହେଳିତ ଲୋକେ କିପରି ଶିକ୍ଷା, ସ୍ୱାସ୍ଥ୍ୟ,ସାମାଜିକ ନ୍ୟାୟ, ସମ୍ବିଧାନିକ ଅଧିକାର ପାଇପାରିବେ ସେଥିପ୍ରତି ଦୃଷ୍ଟିଦେବାକୁ ବୈଠକରେ ଆଲୋଚନା ହୋଇଥିଲା। କ'ଣ ସବୁ ସଚେତନତା ପଦକ୍ଷେପ ନେଲେ କରୋନାରୁ ରକ୍ଷା ମିଳିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ୧୦ ବ୍ଲକ ଓ ୨ ମ୍ୟୁନିସିପାଲଟିରୁ ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ଭଗବାନ ବୈରାଗୀ କାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେନ୍ଦ୍ର ଭକ୍ତ, ଭୀମ ହରିଜନ, ଜଗନ୍ନାଥ ବାଗେ, ଖମରାଜ ବାଗ, ଦେବରାଜ ନାଗ, ରଞ୍ଜିତ ନାୟକ, ଅଜୟ ସାଗର,ପୀତାମ୍ବର ସୂରୀ, ତମ୍ବାର ସୂରୀ, ଦିଗା ନାୟକ, ରୋହିତ ହରିଜନ, ରଜନୀ ବେହ୍ମାଙ୍କ ସହ ଜିଲା ଅନୁସଚିତ ଜାତି ମହାସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚୋରିର ୮ ମାସ ପରେ ମା' କୋଳକୁ ଫେରିଲା ଶିଶୁକନ୍ୟା

**ଜୟପୁର ୨୮।୯ (ନି.ପ୍ର.)**

ଚୋରିର ୮ ମାସ ପରେ ଜୟପୁର ଟାଉନ ଥାନା ପୋଲିସ ଏକ ଶିଶୁ କନ୍ୟାକୁ ଉଦ୍ଧାରକରି ମା' କୋଳକୁ ଫେରାଇଛି । ଶିଶୁକନ୍ୟାକୁ ପାଇବା ପରେ ମା' ଭାବବିହ୍ୱଳ ହୋଇପଡିଥିଲେ। ଖୁସିରେ ତାଙ୍କ ଆଖିରୁ ଲୁହ ଝରିଯାଇଥିଲା। ଏହି ଘଟଣାରେ ପୋଲିସ ମାଲକାନଗିରି ଜିଲା କାଲିମେଳା ଝାଟିମାଟିସାହିର ବଦରୁ ନାୟକ (୩୮) ଏବଂ ତାଙ୍କ ସ୍ତ୍ରୀ ଶିବାନୀ ନାୟକ(୩୦)ଙ୍କୁ ଗିରଫ କରିଛି। ଖବରରୁ ଜଣାପଡିଛି, ଗଜପତି ଜିଲାର ଦୁଃଖୀ ମଲ୍ଲିକ ବ୍ରହ୍ମପୁରରେ ବିବାହ କରିଥିଲେ । ବିବାହର କିଛିଦିନ ପରେ ତାଙ୍କ ସହ ଶାଶୁଘର ଲୋକଙ୍କ ମନୋମାଳିନ୍ୟ ହେବାରୁ ଦୁଃଖୀଙ୍କ ସହ କେହି ସମ୍ପର୍କ ରଖି ନ ଥିଲେ। ଫଳରେ ସେ ନିଜ ୧୦ମାସର ଶିଶୁକନ୍ୟାକୁ ଧରି ଘରୁ ଚାଲି ଆସିଥିଲେ। ବେସାହାରା ହୋଇ ବ୍ରହ୍ମପୁର ରେଳ ଷ୍ଟେଶନରେ ସେ ଭିକ୍ଷାବୃତ୍ତି କରି ଚଳୁଥିଲେ। ଏହି ସମୟରେ ତାଙ୍କର ବଦରୁ ଓ ଶିବାନୀଙ୍କ ସହ ପରିଚୟ ହୋଇଥିଲା। କାଲିମେଳାରେ କାମ କରିବୁ ଚାଲ କହି ସେମାନେ ଦୁଃଖୀଙ୍କୁ ଡାକି ନେଇଥିଲେ । ସେଠାରେ ୨ଦିନ ରଖିବା ପରେ ୨୬।୧୨।୧୯ରେ ତାଙ୍କୁ ଜୟପୁର ଆଣି ବସ୍‌ଷ୍ଟାଣ୍ଡରେ ଛାଡ଼ି ଦେଇଥିଲେ । ସେଠାରେ ତାଙ୍କୁ ଜଳଖିଆ ଖାଇବାକୁ ଦେଇ ଶିଶୁକନ୍ୟାକୁ ଧରି ଚମ୍ପଟ ମାରିଥିଲେ । ଦୁଃଖୀ ଦୀର୍ଘ ସମୟ ଧରି ନିଜ ଶିଶୁକନ୍ୟାକୁ ଖୋଜି ନ ପାଇବାରୁ ସେଠାରେ ଚେତା ହରାଇ ପଡିଥିଲେ। ତାଙ୍କ ଝିଅକୁ କେହି ନେଇଯାଇଛି କହିଲେ ତାଙ୍କ କଥାକୁ କେହି ବିଶ୍ୱାସ କରୁ ନ ଥିଲେ। ପରେ ସେ ୩୦।୧୨।୧୯ରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ତାଙ୍କୁ ପୋଲିସ ପକ୍ଷରୁ ଲାଇଫ ଫାଉଣ୍ଡେଶନରେ ରଖାଯାଇଥିଲା । ପୋଲିସ ୧୨/୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଶିଶୁକନ୍ୟାକୁ ଅନେକ ଖୋଜାଖୋଜି କରି ପୋଲିସ ୮ ମାସ ପରେ ମଧ୍ୟ କିଛି ଖବର ପାଇ ନ ଥିଲା। ପରେ ଦୁଃଖୀଙ୍କ ସୂଚନା ଅନୁସାରେ ସେମାନଙ୍କ ମୋବାଇଲ ଟ୍ରାକିଂ କରି ୨୭।୯।୨୦ରେ ଆନ୍ଧ୍ରର ଚିନ୍ତୁର ଗ୍ରାମରୁ ଶିଶୁକନ୍ୟାକୁ ଉଦ୍ଧାର କରି ବଦରୁ ଓ ଶିବାନୀଙ୍କୁ ପୋଲିସ ଗିରଫ କରିଥିଲା। ଶିଶୁକନ୍ୟାଟି ବଡ ହେବା ପରେ ତାକୁ ବିକ୍ରି କରିବା ଉଦ୍ଦେଶ୍ୟରେ ଉଭୟେ ତାକୁ ଚୋରି କରି ଆଣିଥିବା ପଚରାଉଚରା ବେଳେ ସ୍ୱୀକାର କରିଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।


ପୋଲିସ ଉଦ୍ଧାର କରିଥିବା ଶିଶୁକନ୍ୟା।

## ସାଉଥ୍‌କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

**ଜୟପୁର, ୨୮।୯(ନି.ପ୍ର./ଡି.ଏନ.ଏ.)**

ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ନ ମିଳିବା, ୬ମାସ, ବର୍ଷକର ବିଲ୍ ଏକାଥରକେ ଦେବା ପ୍ରତିବାଦରେ ସୋମବାର ପବ୍ଲିକ ରାଇଟ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ସାଉଥ୍‌କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଆସୋସିଏଶନର ସଭାପତି ଦେବେନ୍ଦ୍ର ବାହିନୀପତିଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧୀକ୍ଷଣ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ କୁମାର ଗୌଡ଼ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍‌ସଂଯୋଗ ପାଇଥିବା ଉପଭୋକ୍ତାଙ୍କୁ ଠିକ୍ ସମୟରେ ବିଲ୍ ମିଳୁନାହିଁ। ୬ ମାସ, ୧ ବର୍ଷର ବିଲ୍ ଥରକେ ଆସୁଛି । ଗରିବ ଶ୍ରେଣୀର ଏହି ଲୋକମାନେ ଏକାଥରକେ ଏତେ ଟଙ୍କାର ବିଲ୍ କିପରି ପୈଠ କରିବେ ବୋଲି ବାହିନୀପତି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ସଂଯୋଗ ନେଇ ନ ଥିବା ବ୍ୟକ୍ତିଙ୍କ ନାମରେ ମଧ୍ୟ ବିଲ୍ ଆସୁଛି । ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଥିବା ହିତାଧିକାରୀଙ୍କ ଘରେ ମିଟର ବସାଇବା, ବକେୟା ଥିବା ବିଦ୍ୟୁତ୍ ବିଲ୍ ଛାଡ କରିବା, କିସ୍ତିରେ ବିଲ୍ ଆଦାୟ କରିବା, ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର କରିବାକୁ ଆସୋସିଏଶନ ଦାବି କରିଛି। ଅମର ଲାଲା ଆହୁଜା, ନରସିଂହ ନାୟକ, ସୀମାଞ୍ଚଳ ସୁଆର, କନ୍ଦର୍ପ ପାଣିଗ୍ରାହୀ, ସାହେବ ମହାରଣା, ଅନିଲ ମିଶ୍ର, ରାଜେନ୍ଦ୍ର ପାତ୍ର, ରମେଶ ବିଷୋୟୀ, ଗୌର ଦାସ ପ୍ରମୁଖ ସାମିଲ ହୋଇଥିଲେ।



ପବ୍ଲିକ ରାଉଟ୍ ଆସୋସିଏଶନ ପକ୍ଷରୁ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ, ହତ୍ୟା ଧମକ

### ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ନବରଙ୍ଗପୁର,୨୮।୯(ବି.ପ୍ର.)**

ଡାବୁଗାଁ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ରବିବାର ରାତିରେ ୪ଜଣ ବଳାତ୍କାର ଉଦ୍ୟମ କରିବା ସହ ମାରପିଟ କରିଥିବା ଅଭିଯୋଗ ହୋଇଛି। ପୀଡିତା ଜଣଙ୍କ ସୋମବାର ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ପୀଡିତା ଜଣଙ୍କ ଘରେ ଶୋଇଥିବା ବେଳେ ତାଙ୍କ ଗାଁର ଆଶାରାମ ପନକା, ଶବନ ପନକା, ବଳରାମ ପନକା, ପୀତବାସ ପନକା ତାଙ୍କ କବାଟ ବାଡେଇ ଥିଲେ। ପୀଡିତା ଜଣଙ୍କ କବାଟ ଖୋଲିବା ମାତ୍ରେ ସେମାନେ ଘର ଭିତରେ ପଶିଯାଇ ତାଙ୍କୁ ଲାତ ଗୋଇଠା ମାରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ତାଙ୍କ ପାଟି ଶୁଣି ପଡିଶା ଲୋକ ସେଠାରେ ପହଞ୍ଚିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିବା ମହିଳା ଜଣକ କହିଛନ୍ତି। ଜୁନ ୨୪ରେ ମଧ୍ୟ ଆକ୍ରମଣକାରୀମାନେ ତାଙ୍କୁ ଜୀବନରୁ ମାରିବାକୁ ଧମକ ଦେଇଥିଲେ । ଏ ନେଇ ସେ ପୂର୍ବରୁ ଡାବୁଗାଁ ଥାନାରେ ଏତଲା ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନ ଥିବା ପୀଡିତା ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି ବୋଲି ସେ କହିଛନ୍ତି।

## ଏଆଇୱାଇଏଫ୍‌ର ରାଷ୍ଟ୍ରପତିଙ୍କୁ ଦାବିପତ୍ର

**କୋରାପୁଟ,୨୮।୯,(ସ୍ୱ.ପ୍ର.)**

୭ ଦଫା ଦାବି ନେଇ ଅଲ ଇଣ୍ଡିଆ ୟୁଥ୍ ଫେଡେରେଶନ (ଏଆଇୱାଇଏଫ୍)ର କୋରାପୁଟ ଜିଲା ଶାଖା ପକ୍ଷରୁ ସୋମବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଆଇୱାଇଏଫ୍‌ର ଜିଲା ଶାଖା ସମ୍ପାଦକ କୁମାର ଜାନିଙ୍କ ନେତୃତ୍ୱରେ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ସମସ୍ତଙ୍କୁ ସମାନ କାମ, ଖାଲି ପଡିଥିବା ପଦବୀ ପୂରଣ କରିବା, ଶିକ୍ଷିତ ଓ ବେକାର ଯୁବକଙ୍କୁ ନିଯୁକ୍ତି ନଚେତ୍ ଭତ୍ତା ପ୍ରଦାନ କରିବା, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସହ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ରୋକିବାକୁ ଦାବିପତ୍ରରେ କୁହାଯାଇଛି।

## ଲୋକଙ୍କ ସମସ୍ୟା ବୁଝିଲେ ଉପଜିଲାପାଳ

**ଗୁଣପୁର,୨୮।୯(ଡି.ଏନ୍.ଏ)**

ରାୟଗଡ଼ା ଜିଲା ଗୁଣପୁର ଉପଜିଲପାଳ ସୋନାଲ ଜେନା ସୋମବାର ରାମନାଗୁଡ଼ା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଶିଢ଼ାମଣି ପଞ୍ଚାୟତର ଟାସ୍କି ଗ୍ରାମକୁ ଯାଇ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯକ୍ତି ଯୋଜନାରେ ହେଉଥିବା ରାସ୍ତାକାମ ବିଷୟରେ ଲୋକଙ୍କୁ ପଚାରି ବୁଝିଥିଲେ। ସେହିପରି ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଛତୁଆ ଯାଞ୍ଚ କରିଥିଲେ। ସେହି ଅଞ୍ଚଳରେ ୧୫ ଏକର ଜମିରେ କିପରି ଜଳସେଚନ ବ୍ୟବସ୍ଥା ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା କରିଥିଲେ। କରଡା ଗ୍ରାମରେ ପହଞ୍ଚି ପାହାଡ଼ ଉପରକୁ ଚଢ଼ି ଉପରୁ ଆସୁଥିବା ବର୍ଷାଜଳ କିପରି ସଂରକ୍ଷଣ କରାଯାଇପାରିବ ତାହାର ଅନୁଧ୍ୟାନ କରିଥିଲେ। ରଗଡବାଇ ଠାରୁ ଘିମିରିକୁଣ୍ଡା ଗ୍ରାମକୁ ଚାଲିଥିବା ରାସ୍ତାକାମ ତଦାରଖ କରିଥିଲେ। ପରେ ଡାକ୍ତରଖାନା, ଅଙ୍ଗନୱାଡି କେନ୍ଦ୍ର ଦେଖି ମହିଳା ମଣ୍ଡଳିରେ ନାରୀ ଶସକ୍ତିକରଣ ଉପରେ ଆଲୋଚନା କରିଥିଲେ। ସେହିପରି ପାଲୁପାଇସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିଲେ। ଏହି ସମୟରେ ରାମନାଗୁଡା ତହସିଲଦାର ଜୟଶ୍ରୀ ମଲିକ, ବିଡିଓ ବେଣୁଧର ଶବର, ବ୍ଲକ୍ ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଯାନୀ ପ୍ରମୁଖ ଉପସ୍ଥିତ ଥିଲେ।



ଚାଷ କାର୍ଯ୍ୟ ନେଇ ଉପଜିଲାପାଳ ପଚାରି ବୁଝୁଛନ୍ତି।

## ସଂଘ ଗଠନ ନେଇ ପ୍ରସ୍ତୁତି ବୈଠକ

**ବୈପାରୀଗୁଡା,୨୮।୯ (ଡି.ଏନ୍.ଏ.):** ସଂଘ ଗଠନ ଉଦ୍ଦେଶ୍ୟରେ ରବିବାର ସ୍ଥାନୀୟ ହାଟପଦାଠାରେ ବ୍ଲକ ଟ୍ରାକ୍ଟର ମାଲିକଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଦେଢ ଶହରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ମାଲିକ ପସ୍ଥିତ ଥିଲେ। ଟ୍ରାକ୍ଟର ଚଲାଇବାରେ ମାଲିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମାସ୍ୟା, ଟ୍ରାକ୍ଟର ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ଯୋଗାଇଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। କମିଟିରେ ନଟବର ପଟ୍ଟନାୟକ,ମନୋଜ କୁମାର ମହାପାତ୍ର ଶୁସାନ୍ତ ସାହୁ, ତ୍ରିଲୋଚନ ଜେନା, ସମୀର ନାୟକ, ଉମେଶ ପଟ୍ଟନାୟକ, ନାରାୟଣ କଦମଗଡିଆଙ୍କ ସହ ଅନ୍ୟମାନେ ଅଛନ୍ତି।

## କୁକୁଡ଼ା ଗାଲି ଖେଳବେଳେ ଚଢ଼ାଉ, ୫ ଗିରଫ


ଗିରଫ ଅଭିଯୁକ୍ତମାନେ।

**ପାପଡାହାଣ୍ଡି,୨୮।୯(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ପୋଲିସ ଦାଡିଆଗୁଡା ଜଙ୍ଗଲରେ କୁକୁଡ଼ା ଗାଲିଖେଳ ଚାଲିଥିବା ଖବରପାଇ ସେଠାରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦା ହରିଜନ,ନିଳାମ୍ବର ଭତରା, ବାମଦେବ ହରିଜନ, ଭରତ ରତ୍ନ ଦେବ ଓ ବିଶ୍ୱନାଥ ମାଝି। ପୋଲିସ ଘଟଣାସ୍ଥଳରୁ ୪ ଟି ବାଇକ, ୧୨୨୦ ଟଙ୍କା , ୨ଟି ସାଇକଲ ଓ ୨ ଟି ଗଞ୍ଜା ଜବତ କରିଛି। କରୋନା ଏଡାଇବା ପାଇଁ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ଉଲ୍ଲଂଘନ କରି ଦାଡିଆଗୁଡା ଜଙ୍ଗଲରେ କୁକୁଡା ଗାଲି ଖେଳ ଚାଲିଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସ୍‌ଡିପିଓ ଆଦିତ୍ୟ ସେନଙ୍କ ନେତୃତ୍ୱରେ ଥାନାଧିକାରୀ ଶୁଭେନ୍ଦୁ ଶବର ପୋଲିସ ଟିମ୍ ସହ ସେଠାରେ ଚଢାଉ କରିଥିଲେ। ଉପସ୍ଥିତ ଲୋକେ ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ସେମାନଙ୍କ ପିଛା କରି ଗିରଫ ଅଭିଯୁକ୍ତମାନଙ୍କୁ ଧରିଥିଲେ। ପୋଲିସ ୧୨୮/୨୦ରେ ମାମଲା ରୁଜୁ କରିଛି।

## ଜନସମ୍ପର୍କ ପୋଲିସକୁ ବିଶ୍ୱାସଭାଜନ କରିଛି: ଡିଜି ଅଭୟ

**ମାଲକାନଗିରି,୨୮।୯(ଡି.ଏନ୍.ଏ.)**

ରାଜ୍ୟର ବିଭିନ୍ନ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ପୋଲିସ ମୁତୟନ, ବିଏସ୍‌ଏଫ୍ ସହଯୋଗ ଏବଂ ଏସ୍‌ଓଜି, ଡିବିଏଫ୍ ବାହିନୀର ମାଓବାଦୀ ଦମନ ରଣନୀତି ଯୋଗୁ ରାଜ୍ୟରେ ମାଓବାଦୀଙ୍କ କାର୍ଯ୍ୟକଳାପ ଏକପ୍ରକାର ମୂଳପୋଛ ହୋଇଯାଇଛି। ଫଳରେ ମାଲକାନଗିରି ଜିଲାରେ ବିଗତ ଦିନରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଛି। ଜିଲାର ଅର୍ଥନୈତିକ ଉନ୍ନତି, ପୋଲିସ ଥାନା, ଫାଣ୍ଡି, ମୋବାଇଲ ଟାୱାର ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ଗୁରୁପ୍ରିୟା ସେତୁ ଲୋକାର୍ପଣ ପରେ ବିଚ୍ଛିନ୍ନାଞ୍ଚଳର କନ୍ତଲପଦର, ଯୋଡାମ୍ବ, ହନ୍ତାଲଗୁଡା, ଜାନବାଇ, ବଡପଡା, ପାପରମେଟଲାରେ ଥାନା ଓ ବିଏସଏଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଜନସମ୍ପର୍କ ଶିବିର କରି ପୋଲିସ ଆଦିବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି ବୋଲି ଡିଜି ଅଭୟ ସୋମବାର ଏକ ଟୁଇଟ୍ କରି ପ୍ରକାଶ କରିଛନ୍ତି। ଯୋଡାମ୍ବ, ହନ୍ତାଲଗୁଡା, ପାପରମେଟଲା, ଜାନବାଇ, ବଡପଡା ଠାରେ ମୋବାଇଲ ଟାବାର ପ୍ରତିଷ୍ଠା ହୋଇଛି। ଆଦିବାସୀଙ୍କ ଜୀବିକା ନିର୍ବାହ ଲାଗି ବାଲିମେଳା ଜଳଭଣ୍ଡାରରେ ମାଛ ଯାଆଁଳ ଛାଡିବା, ହଳଦୀ, ମାଣ୍ଡିଆ, ମକାଚାଷ ସହ ବିଭିନ୍ନ ଡାଲିଜାତୀୟ ଫସଲ କରିବାକୁ ସରକାର ପ୍ରୋତ୍ସାହିତ କରିଛନ୍ତି। ଆଦିବାସୀ ସମାଜ ସଙ୍ଗଠନ ମଧ୍ୟ ମାଓବାଦୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଛି ବୋଲି ଡିଜି କହିଛନ୍ତି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କେ. ସଫିମ୍ ଅହମଦ, ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରି ପୋଲିସ ଓ ବିଏସ୍‌ଏଫ୍ ପାଇଁ ଗତ ବର୍ଷକ ମଧ୍ୟରେ ଉକ୍ତ ଅଞ୍ଚଳରେ ବିକାଶ ନେଇ ନିଆଯାଇଥିବା ପଦକ୍ଷେପ ସଫଳ ହୋଇଛି ବୋଲି ଏହି ଅବସରରେ କହିଛନ୍ତି।

## ଗୋଟିଏ ହାତ ପାଳଟିଛି ପରିବାରର ଭରସା

**ଏମଭି ୭୯,୨୮।୯(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତ ଏମଭି ୮୦ ଗ୍ରାମର ତାରା ରାଓ। ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ଥକି ପଡିନାହାନ୍ତି ସେ। ୧୦ ବର୍ଷ ତଳେ ଦୁର୍ଘଟଣାରେ ନିଜ ଡାହାଣ ହାତ ହରାଇଥିଲେ। ଦାଦନ ଖଟିବାକୁ ଆନ୍ଧ୍ର ଯାଇ ସେଠାରେ ସେଣ୍ଟ୍ରି କାମ କରୁଥିଲେ। ଦିନେ କାମ ସାରି ଘରକୁ ଫେରୁଥିବା ବେଳେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ତାରାଙ୍କ ଚିକିତ୍ସା ବେଳେ ଜୀବନ ବଞ୍ଚାଇବାକୁ ଡାହାଣ ହାତ କାଟିବାକୁ ପଡିଥିଲା। ଏହାପରଠାରୁ ତାରାଙ୍କ ଜୀବନ ବଦଳିଯାଇଥିଲା। ଗୋଟିଏ ହାତରେ ପଥର ବାଡ଼େଇ ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳାଉଛନ୍ତି ତାରା। ପରିବାର ଓଳିଏ ଖାଇଲେ ଓଳିଏ ଉପବାସରେ ରହୁଥିବା କଷ୍ଟ ଦେଉଛି ତାଙ୍କୁ। ମାତ୍ର ଉପାୟ କିଛି ନାହିଁ। ଅନ୍ୟପକ୍ଷରେ ତାଙ୍କ ହାତ କଟା ହୋଇଥିବାରୁ ତାରାଙ୍କ ଆଧାର କାର୍ଡ ହୋଇପାରୁ ନାହିଁ। ଫଳରେ ସେ ସମସ୍ତ ପ୍ରକାର ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏନେଇ କାଳିମେଳା ବିଡିଓଙ୍କୁ ପଚାରିବାରୁ ସେ କହିଲେ ଯେ, ତୁରନ୍ତ ତାରାଙ୍କ ଆଧାର କାର୍ଡ କରି ସରକାରଙ୍କ ସମସ୍ତ ସୁବିଧା ତାଙ୍କୁ ପ୍ରଦାନ କରାଯିବ।

## ଜିଲାର ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯାଉ

### ଜିଏନ୍‌ଏମ୍, ଏଏନ୍‌ଏମ୍ ନିଯୁକ୍ତି

**ରାୟଗଡ଼ା ଅଫିସ,୨୮।୯**

ଜିଏନ୍‌ଏମ୍ ଓ ଏଏନ୍‌ଏମ୍ ପଦବୀରେ ନିଜ ଜିଲାକୁ ଅଣଦେଖା କରାଯାଇ ଅନ୍ୟ ଅଞ୍ଚଳର ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯାଉଥିବା ଅଭିଯୋଗ ହୋଇଛି । ଜିଲାର ପିଲାଙ୍କୁ ଶୀଘ୍ର ନିଯୁକ୍ତ କରିବା ପାଇଁ କେତେକ ଆବେଦନକାରୀ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, କରୋନା ପରିସ୍ଥିତିରେ ରାୟଗଡ଼ା ଜିଲାରେ ଜିଏନ୍‌ଏମ୍ ନିଯୁକ୍ତି ନେଇ ଏକ ବିଜ୍ଞାପନ ୫୫୧୮/୨୦ ରେ ପ୍ରକାଶ ପାଇଥିଲା। ଜିଲାର ଯୋଗ୍ୟ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିଥିଲେ। ପରିବର୍ତ୍ତୀ ସମୟରେ ଏମାନଙ୍କ ନାମ ୱେଟିଂ ଲିଷ୍ଟରେ ରହିଥିବା ମଧ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଜିଲାରେ ନର୍ସିଂ କଲେଜ ରହିଛି। ଏଠାରେ ପାଠ ପଢ଼ି ଅଞ୍ଚଳରେ କାମ କରିବାକୁ ଆଶା ରଖିଛୁ। କିନ୍ତୁ ନିଯୁକ୍ତି କ୍ଷେତ୍ରରେ ଅନ୍ୟ ଅଞ୍ଚଳର ପିଲାଙ୍କୁ ପ୍ରାଥମିକତା ଦିଆଯାଉଥିବା ସେମାନେ କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ଅଭୟା ଭାର୍ଗା, ସଂଯୁକ୍ତା ପାତ୍ର, ସୁଜାତା ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ୨୧ ତାରିଖରେ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। କୌଣସି ଉତ୍ତର ନ ମିଳବାରୁ ସୋମବାର ପୁଣି ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦିଆଯାଇଥିବା କୁହାଯାଇଛି।



ଦାବିପତ୍ର ଦେବାକୁ ଆସିଥିବା ଛାତ୍ରୀମାନେ।

